# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 March - 2024**

News Editor : *Tapan Kumar Moharana*

**********************************

## ମୁଖ୍ୟ ସମ୍ବାଦ

- ୧ ଲକ୍ଷ ୬ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ରେଳ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

— ଭୁବନେଶ୍ୱର-ବିଶାଖାପାଟଣାକୁ ମିଶାଇ ୧୦ଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର କଲେ ଶୁଭାରମ୍ଭ

- ସମ୍ବଲପୁର ଜିଲ୍ଲାର ଦୁଇଟି ସଡକ ପ୍ରକଳ୍ପ ପାଇଁ ୩୭୪ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର

- ରାଜ୍ୟର ଭାଗବତ ଟୁଙ୍ଗୀଗୁଡ଼ିକୁ ଅଧିକ କ୍ରୀୟାଶୀଳ କରିବା ପାଇଁ ୫୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଏବଂ

- ରମ୍‌ଜାନ ମାସ ଆରମ୍ଭ;ମୁସଲମାନ ଭାଇଭଉଣୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

## ପ୍ରଧାନମନ୍ତ୍ରୀ-ରେଳ ପ୍ରକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜୁରାଟର ଅହମ୍ମଦାବାଦଠାରେ ୧ ଲକ୍ଷ ୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରେଳ ଭିତ୍ତିଭୂମି, ଯୋଗାଯୋଗ ଏବଂ ପେଟ୍ରୋକେମିକାଲ ସମେତ ଏକାଧିକ କ୍ଷେତ୍ର ରହିଛି।

ଆଭାସୀ ମାଧ୍ୟମରେ 'ଏକ ଷ୍ଟେସନ ଏକ ଉତ୍ପାଦ' ଷ୍ଟଲ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବା ସହ ୮୫ ହଜାର କୋଟି ଅଧିକ ମୂଲ୍ୟର ରେଳ ପ୍ରକଳ୍ପକୁ ଶୁଭାରମ୍ଭ କରିଥିବା ବେଳେ ୧୦ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଚଳାଚଳ ଶୁଭାରମ୍ଭ କରିଛନ୍ତି।

**ଏଥିମଧ୍ୟରେ ଓଡ଼ିଶା ପାଇଁ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ ହୋଇଛି। ଏହି ଟ୍ରେନ୍ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ଚଳାଚଳ ଆରମ୍ଭ କରିଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଖୋର୍ଦ୍ଧାରୋଡ୍, ବାଲୁଗାଁ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍ ଏବଂ ବିଜୟନଗରମ୍‌ଠାରେ ରହଣି କରିବ। ଏହି ଟ୍ରେନ୍ ଆସନ୍ତାକାଲିଠାରୁ ନିୟମିତ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ଜଣାପଡିଛି। ଏଥିସହିତ ପ୍ରଧାନମନ୍ତ୍ରୀ ପୁରୀରୁ ଅଯୋଧ୍ୟା ଟ୍ରେନ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରିଛନ୍ତି।**

**ଏଥିସହିତ ପ୍ରଧାନମନ୍ତ୍ରୀ ଭଦ୍ରକ-ନିର୍ଗୁଣ୍ଡି ରେଳଷ୍ଟେସନ ଓ ହରିଦାସପୁର-ବୈରୀ ତୃତୀୟ ରେଳଲାଇନ୍‌କୁ ମଧ୍ୟ ଲୋକାର୍ପଣ କରିଛନ୍ତି।**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ୨୦୦ରୁ ଅଧିକ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ, ଏକ ସମୟରେ ଏତେ ସଂଖ୍ୟକ କାର୍ଯ୍ୟକ୍ରମ ଆୟୋଜନ କରି ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ରେଳବାଇ ଇତିହାସରେ ପ୍ରଥମ। ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଧାନମନ୍ତ୍ରୀ ରେଳବାଇକୁ ଅଭିନନ୍ଦନ ଜଣାଇଥିଲେ। ଦେଶରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ସହିତ ବିକଶିତ ଭାରତ ଗଠନ ପାଇଁ ବିକାଶମୂଳକ କାର୍ଯ୍ୟ କ୍ରମାଗତ ଭାବେ ସମ୍ପ୍ରସାରିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଚଳିତବର୍ଷ ୭୫ ଦିନରେ ୧୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଉଦଘାଟନ କିମ୍ବା ଶିଳାନ୍ୟାସ ହୋଇଥିବା ବେଳେ ଗତ ୧୦-୧୨ ଦିନ ମଧ୍ୟରେ ୭ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ରାଜପଥ ପ୍ରକଳ୍ପ-ନୀତିନ ଗଡକରୀ

**କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ସମ୍ବଲପୁର ଜିଲ୍ଲାର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୭୪ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସମ୍ବଲପୁର ସହରର ଅଇଁଠାପାଲି ଜଙ୍କସନ୍‌ଠାରେ ୬ ଲେନ୍ ବିଶିଷ୍ଟ ସାଢ଼େ ତିନି କିଲୋମିଟର ଲମ୍ବା ଫ୍ଲାଏଓଭର ଏବଂ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଦୁଇ ଲେନ୍**

ବିଶିଷ୍ଟ ଗୋଟିଏ ସଡ଼କ ଓଭର ବ୍ରିଜ୍-ଆରଓବି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଡକରି କହିଛନ୍ତି ।

୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ ଦ୍ୱାରା ଅଇଁଠାପାଲି ଛକରେ ହେଉଥିବା ଟ୍ରାଫିକ୍ ଭିଡ଼ ହ୍ରାସ ପାଇବ । ସେହିପରି ୫୩ ନମ୍ବର ଜାତୀୟ ରାଜପଥ ଉପରେ ତିଲେଇବଣି-ସମ୍ବଲପୁର ୪ ଲେନ୍ ବିଶିଷ୍ଟ ପ୍ରକଳ୍ପରୁ ବାଦ୍ ଦିଆଯାଇଥିବା ୨ ଲେନ୍ ବିଶିଷ୍ଟ ସଡ଼କ ଓଭର ବ୍ରିଜ୍ ପ୍ରକଳ୍ପ ନିର୍ମାଣ କରାଯିବ ।

## ପଞ୍ଚାୟତ ପ୍ରତିନିଧିଙ୍କ ଦରମା ବୃଦ୍ଧି

ରାଜ୍ୟ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ପ୍ରତିନିଧିମାନଙ୍କ ପାରିତୋଷିକ ଏବଂ ଭତ୍ତା ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ଘୋଷଣା କରିଛନ୍ତି । ନିଷ୍ପତ୍ତି ଅନୁସାରେ, ସରପଞ୍ଚମାନଙ୍କୁ ପୂର୍ବରୁ ମାସିକୁ ୨ ହଜାର ୩୫୦ ଟଙ୍କା ମିଳୁଥିଲାବେଳେ ଏବେ ସେମାନଙ୍କୁ ୧୦ ହଜାର ଟଙ୍କା ମିଳିବ । ନାଏବ ସରପଞ୍ଚମାନେ ୯୪୦ ଟଙ୍କା ବଦଳରେ ୪ ହଜାର ଟଙ୍କା ପାଇବେ ।

ସେହିପରି ଜିଲ୍ଲା ପରିଷଦ ସଭାପତିମାନେ ମାସିକ ୯ ହଜାର ୩୮୦ ଟଙ୍କା ପରିବର୍ତ୍ତେ ୩୦ ହଜାର ଟଙ୍କା ପାରିତୋଷିକ ପାଇବେ । ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଜିଲ୍ଲା ପରିଷଦ ଉପ-ସଭାପତିମାନଙ୍କ ପାରିତୋଷିକ ୭ ହଜାର ୪୦ ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ସେମାନଙ୍କ

ଦୈନିକ ଭତ୍ତା ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜିଲ୍ଲା ପରିଷଦ ସଦସ୍ୟମାନେ ପୂର୍ବରୁ ୩ ହଜାର ୫୩୦ ଟଙ୍କା ପାଉଥିବାବେଳେ ଏବେ ୧୦ ହଜାର ଟଙ୍କା ମାସିକ ପାରିତୋଷିକ ପାଇବେ ଏବଂ ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହା ବ୍ୟତୀତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପଦବୀରେ ଥିବା ସମୟରେ ମୃତ୍ୟୁ ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ମିଳିବ। ସେହିଭଳି ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ, ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ।

## ମହିଳାଙ୍କୁ ଅଧିକ ଛୁଟି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ଷିକ ୨୫ ଦିନର ସାମୟିକ ଛୁଟି ଘୋଷଣା କରିଛନ୍ତି।

ସରକାରୀ କର୍ମଚାରୀମାନଙ୍କ ପାଇଁ ସାଧାରଣତଃ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଦିଆଯାଉଥିବାବେଳେ ମହିଳା କର୍ମଚାରୀମାନଙ୍କ କ୍ଷେତ୍ରରେ ରାଜ୍ୟ ସରକାର ଆଉ ଅଧିକ ୧୦ ଦିନର ଛୁଟି ଦେବେ। ମହିଳାମାନଙ୍କ ପାରିବାରିକ ଦାୟିତ୍ୱ ଓ ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ନାଗରିକତା ସଂଶୋଧନ ଆଇନ-ସିଏଏ

କେନ୍ଦ୍ର ସରକାର ଦେଶରେ ନାଗରିକତା ସଂଶୋଧନ ଆଇନ ଲାଗୁ କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଆଇନ ବଳରେ ୨୦୧୪ ମସିହା ଡିସେମ୍ବର ୩୧ ତାରିଖ ପୂର୍ବରୁ ପଡୋଶୀ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ । ୬ଟି ସଂଖ୍ୟାଲଘୁ ସଂପ୍ରଦାୟ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ଶି ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ । ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ତିନି ଦେଶର ୬ଟି ସମ୍ପ୍ରଦାୟର ଲୋକମାନଙ୍କର ଆବେଦନ ପାଇଁ ଏକ ୱେବ୍‌ସାଇଟ୍ ଖୋଲାଯାଇଛି। ୨୦୧୯ ମସିହାରେ ନାଗରିକତା ସଂଶୋଧନ ଆଇନ ସଂସଦରେ ପାରିତ ହୋଇଥିଲେ ମଧ୍ୟ କୋଭିଡ ମହାମାରୀ କାରଣରୁ ଆଇନର କାର୍ଯ୍ୟକାରିତାରେ ବିଳମ୍ବ ଘଟିଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଭାଗବତ ଟୁଙ୍ଗୀ

ରାଜ୍ୟରେ ଥିବା ୭ ହଜାର ୨୦୦ଟି ଭାଗବତ ଟୁଙ୍ଗୀକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ଭାଗବତ ଟୁଙ୍ଗୀ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର କରିଛନ୍ତି।

**ଏହି ଅର୍ଥରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଜରିଆରେ ଭାଗବତ ଟୁଙ୍ଗୀ ଗୁଡିକର ବିକାଶ କାର୍ଯ୍ୟ କରାଯିବ ।**

## ସେବାୟତ କଲ୍ୟାଣ ଯୋଜନା

ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା ଘୋଷଣା କରିଛନ୍ତି । ଘୋଷଣା ଅନୁଯାୟୀ, ଶ୍ରୀ ଜଗନ୍ନାଥଙ୍କ ସେବାୟତ ଓ ତାଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଦିଆଯାଉଥିବା ବୀମା ରାଶି ପରିମାଣକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଗୁରୁତର ରୋଗର ଚିକିତ୍ସା ପାଇଁ ଅତିରକ୍ତ ୫ ଲକ୍ଷ ଟଙ୍କା ସହାୟତା ଦିଆଯିବ ।

ସେହିଭଳି ସେବାୟତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରବେଶିକା ପରୀକ୍ଷା ଯଥା NEET, JEE ଓ Civil Service Coaching ପାଇଁ ବ୍ୟବସ୍ଥା ବାବଦରେ ବର୍ଷକୁ ୫୦ ହଜାର ଟଙ୍କା ହିସାବରେ ସର୍ବାଧିକ ୩ ଥର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ଜାମୁଝରି - ଆଦର୍ଶ ଜେଲ୍

**ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଜାମୁଝରିଠାରେ ନୂତନ ଆଦର୍ଶ ଜେଲ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩୫ ଏକର ପରିମିତ ଜମିରେ ନିର୍ମାଣ ହେବାକୁ ଥିବା ଏହି ଆଦର୍ଶ ଜେଲ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରାୟ ୩ ଶହ କୋଟି ଟଙ୍କା ଖର୍ଚ୍ଚ କରିବେ ।**

## ଅଯୋଧ୍ୟା

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ ପ୍ରାତଃରେ ହେଉଥିବା ଆରତି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସକାଳୁ ଦୂରଦର୍ଶନରେ ପ୍ରସାରିତ ହେଉଛି । ସକାଳ ସାଢ଼େ ୬ଟାରେ ଏହି କାର୍ଯ୍ୟକ୍ରମ ଜରିଆରେ ଭକ୍ତମାନେ ପ୍ରଭୁ ଶ୍ରୀରାମଲାଲାଙ୍କୁ ଦର୍ଶନ କରିପାରୁଛନ୍ତି ।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ମାସ ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ସହିତ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା ।

## ବନକଲାଗି

ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ ରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ ।

## ରମ୍‌ଜାନ

ଆଜିଠାରୁ ରମଜାନ ମାସ ଆରମ୍ଭ ହୋଇଛି । ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନେ ପବିତ୍ର ରୋଜା ବା ଉପବାସ ଆଜି ପ୍ରାତଃରୁ ଆରମ୍ଭ କରିଛନ୍ତି । ଧାର୍ମିକ ପରମ୍ପରା ଅନୁସାରେ ଏହି ସମୟ ମଧ୍ୟରେ ମୁସଲମାନ ସଂପ୍ରଦାୟର ଲୋକମାନେ

ଆତ୍ମସଂଯମତା ରକ୍ଷାକରି ବିଭିନ୍ନ ନୀତି ନିୟମ ପାଳନ କରିବା ସହିତ ପବିତ୍ର କୋରାନ ପାଠ କରିଥାନ୍ତି ।

ରମ୍‌ଜାନ ହେଉଛି ଇସ୍‌ଲାମିକ୍ ଚନ୍ଦ୍ର କ୍ୟାଲେଣ୍ଡରର ନବମ ମାସ ଏବଂ ଏହି ଉପବାସ ମାସର ଶେଷରେ ଇଦ୍-ଉଲ୍-ଫିତର ପାଳନ କରାଯାଏ । ଉପସାଗରୀୟ ଦେଶମାନଙ୍କରେ ଆଜି ରମଜାନର ଦ୍ୱିତୀୟ ଦିନ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ରମଜାନ ମାସର ଶୁଭେଚ୍ଛା ଜଣାଇଛନ୍ତି । ଏହି ପବିତ୍ର ମାସ ସମସ୍ତଙ୍କ ଜୀବନରେ ଆନନ୍ଦ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

## ବେଟି ବଚାଓ ବେଟି ପଢ଼ାଓ

ମାଲକାନଗିରି ସଂସ୍କୃତି ଭବନଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅଧୀନରେ ଆଜି କିଶୋରୀ ବାଳିକାଙ୍କ ଭବିଷ୍ୟତ ପରାମର୍ଶ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ କିଶୋରୀମାନଙ୍କୁ ପାଠ ପଢ଼ିବା ସହ

ସରକାରୀ ଚାକିରି ପଛରେ ନ ଦୌଡ଼ି ସରକାରଙ୍କ ବିଭିନ୍ନ ଦକ୍ଷତା ବିକାଶ ତାଲିମ ନେଇ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ ।

ସେହିପରି ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚଳନା ପ୍ରାଧିକରଣ ପକ୍ଷରୁ ଆଜି ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ଓ ସଚେତନତା କର୍ମଶାଳା ଜିଲ୍ଲାପାଳ ପାଓ୍ୱାର ସଚ୍ଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

*********************************